
# ସତ୍ୟପ୍ରକାଶ

# THE WORD OF TRUTH



## NOVEMBER & DECEMBER - 2009

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

# CHURCH OF CHRIST

P.O.Box.No.80, Kakinada
A.P.- 533 001.
Ph: 0884 - 2363722.

**Vol. 14. Nov & Dec- 2009. No-6.**

Published every two months in Oriya language for the Restoration of pure New Testment Christanity.

Hear **SATYA VANI** Oriya Radio Programme on
Radio Srilanka
Every Sunday at 6:45 a.m.

Write for free Bible Correspondence Course in Telugu & Oriya to:

The Director
Bible Correspondence Course
P.O.Box.80, Kakinada - 533 001

# ସତ୍ୟବାଣୀ

# VOICE OF TRUTH

VOL - XIV KAKINADA NOV-DEC-2009


## ବାଇବଲ
## (The Bible)

"ବାଇବଲ", ଏହି ପଦର ପ୍ରକୃତ ଅର୍ଥ "ପୁସ୍ତକ" । ଜଗତରେ ଥିବା ସମସ୍ତ ପୁସ୍ତକମାନଙ୍କଠାରୁ ଏହା ଉତ୍କୃଷ୍ଟତମ ପୁସ୍ତକ । ଏହା ଜଗତରେ ଅଧିକ ସଂଖ୍ୟାରେ ବିକ୍ରି ହେଉଥିବା ଏକମାତ୍ର ପୁସ୍ତକ । ବାସ୍ତବରେ ଏହା ଅନେକଗୁଡିଏ ପୁସ୍ତକର ସଙ୍କଳନ ।

### ବାଇବଲକୁ ଆମେ ଦୁଇ ମୁଖ୍ୟ ବିଭାଗରେ ବିଭାଜିତ କରି ପାରିବା :

(୧) ପୁରାତନ ନିୟମ (୨) ନୂତନ ନିୟମ । ପୂର୍ବକାଳରେ ଈଶ୍ୱର ନିର୍ବାଚିତ ଲୋକମାନଙ୍କୁ ପୁରାତନ ନିୟମ (ବ୍ୟବସ୍ଥା ଶାସ୍ତ୍ର) ଦିଆ ଯାଇଥିଲା । ପୁରାତନ ନିୟମ ଅଥବା ଧର୍ମଶାସ୍ତ୍ର ବଦଳରେ ଆମ୍ଭମାନଙ୍କୁ ନୂତନ ନିୟମ ଦିଆଯାଇଅଛି ।

ବାଇବଲରେ ଛଅଷଠି ପୁସ୍ତକ ଅଛି । ପୁରାତନ ନିୟମରେ ଅଣଚାଳିଶି (୩୯) ଓ ନୂତନ ନିୟମରେ ସତାଇଶି (୨୭) । ପୁରାତନ ନିୟମକୁ ମଧ୍ୟ ପୁନର୍ବାର ଆମେ ୫ଟି ଭାଗରେ ବିଭକ୍ତ କରିପାରିବା ।

(୧) ବ୍ୟବସ୍ଥା ଶାସ୍ତ୍ର – ଏହି ବିଭାଗରେ ପାଞ୍ଚଟି ପୁସ୍ତକ ରହିଅଛି । ଆଦି ପୁସ୍ତକ, ଯାତ୍ରା ପୁସ୍ତକ, ଲେବୀ ପୁସ୍ତକ, ଗଣନା ପୁସ୍ତକ ପୁସ୍ତକ ଓ ଦ୍ୱିତୀୟ ବିବରଣର ପୁସ୍ତକ । ଏହି ପାଞ୍ଚ ପୁସ୍ତକଗୁଡିକକୁ (Petateuch) ବୋଲି ମଧ୍ୟ କହନ୍ତି ।

(୨) ଇତିହାସ – ଏହି ବିଭାଗରେ ବାରଟି ପୁସ୍ତକ ଅଛି । ସେଗୁଡିକ ହେଲା, ଯିହୋଶୂୟ, ବିଚାରକର୍ତ୍ତାମାନଙ୍କ ବିବରଣ, ଋତ, ପ୍ରଥମ ଶାମୁୟେଲ, ଦ୍ୱିତୀୟ ଶାମୁୟେଲ, ପ୍ରଥମ ରାଜାବଳୀ, ଦ୍ୱିତୀୟ ରାଜାବଳୀ, ପ୍ରଥମ ବଂଶାବଳୀ, ଦ୍ୱିତୀୟ ବଂଶାବଳୀ, ଏଜ୍ରା, ନିହିମିୟା ଏବଂ ଏଷ୍ଟର ।

(୩) ପଦ୍ୟମାଳା – ଏହା ବିଭାଗରେ ୫ଟି ପୁସ୍ତକ ଅଛି । ସେଗୁଡିକ ହେଲା,

ଆୟୁବ, ଗୀତ ସଂହିତା, ହିତୋପଦେଶ, ଉପଦେଶକ, ପରମଗୀତ । ଅବଶିଷ୍ଟ ସତର ପୁସ୍ତକ ଗୁଡିକ ଭାବବାଣୀର ପୁସ୍ତକ । ଏହି ଭାବବାଣୀର ପୁସ୍ତକ ଗୁଡିକକୁ ମଧ୍ୟ ଆମେ ଦୁଇ ଭାଗରେ ବିଭକ୍ତ କରି ପାରିବା ।

(୪) ମୁଖ୍ୟ ଭବିଷ୍ୟତ ବକ୍ତାମାନଙ୍କ ପୁସ୍ତକ - ଏହି ଭାଗରେ ୫ଟି ପୁସ୍ତକ ଅଛି । ସେଗୁଡିକ ହେଲା, ଯିଶାଇୟ, ଯିରିମିୟ, ବିଳାପ, ଯିହିଜିକଲ୍ ଓ ଦାନିୟେଲ ।

(୫) ଗୌଣ ଭବିଷ୍ୟତ ବକ୍ତାମାନଙ୍କ ପୁସ୍ତକ - ଏହି ବିଭାଗରେ ବାରଟି ପୁସ୍ତକ ଅଛି । ସେ ଗୁଡିକ ହେଲା - ହୋଶେୟ, ଯୋୟେଲ, ଆମୋଷ, ଓବଦିୟ, ୟୁନସ୍, ମୀଖା, ନାହୁମ, ହବକ୍‌କୂକ, ସିଫନୀୟ, ହାଗୟ, ଯିଖରିୟ ଓ ମଲାଖି ।

## ନୂତନ ନିୟମ ଚରୋଟି ବିଭାଗରେ ବିଭକ୍ତ ।

୧) ଖ୍ରୀଷ୍ଟଙ୍କ ଜୀବନ ଇତିହାସ - ଏହି ବିଭାଗରେ ଚାରୋଟି ପୁସ୍ତକ ଅଛି । ସେଗୁଡିକ ହେଲା - ମାଥିଉ, ମାର୍କ, ଲୁକ ଓ ଯୋହନ । ଏହି ଚାରି ପୁସ୍ତକ ଗୁଡିକକୁ ସୁସମାଚାରର ପୁସ୍ତକ ବୋଲି ମଧ୍ୟ କହନ୍ତି ।

୨) ପ୍ରେରିତମାନଙ୍କ ବିବରଣ - ଏହି ପୁସ୍ତକକୁ "ପ୍ରେରିତମାନଙ୍କ କାର୍ଯ୍ୟର ବିବରଣ" ପୁସ୍ତକ ବୋଲି କୁହାଯାଏ । ଯୀଶୁଖ୍ରୀଷ୍ଟ ନିର୍ବାଚିତ ପ୍ରେରିତମାନଙ୍କ ମଧ୍ୟରୁ କେତୋଟି ପ୍ରେରିତମାନଙ୍କ କାର୍ଯ୍ୟାବଳୀ ଏଥିରେ ବର୍ଣ୍ଣିତ ହୋଇଅଛି । ଏହି ପୁସ୍ତକରେ ଖ୍ରୀଷ୍ଟଙ୍କ ମଣ୍ଡଳୀର ସ୍ଥାପନର ବିବରଣ ମଧ୍ୟ ପାଇପାରୁ ।

୩) ପ୍ରେରିତମାନଙ୍କ ଲିଖିତ ପତ୍ରମାଳା - ଏହା ଭାଗରେ ଏକୋଇଶି ପତ୍ର ବା ୨୧ ପୁସ୍ତକ ଅଛି । ସେଗୁଡିକ ହେଲା - ରୋମୀୟ, ୧ମ କରିନ୍ଥୀୟ, ୨ୟ କରିନ୍ଥୀୟ, ଗାଲାତୀୟ, ଏଫିସୀୟ, ଫିଲିପ୍ପୀୟ, କଲସୀୟ, ୧ମ ଥେସଲନୀକୀୟ, ୨ୟ ଥେସଲନୀକୀୟ, ୧ମ ତୀମଥି, ୨ୟ ତୀମଥି, ତିମସ, ଫିଲିମୋନ, ଏବ୍ରୀ, ଯାକୁବ, ୧ମ ପିତର, ୨ୟ ପିତର, ୧ମ ଯୋହନ, ୨ୟ ଯୋହନ, ୩ୟ ଯୋହନ ଓ ଯିହୁଦା ।

୪) ଶେଷରେ ଭବିଷ୍ୟତ ବାଣୀର ପୁସ୍ତକ, ଯୋହନଙ୍କ ପ୍ରତି ପ୍ରକାଶିତ ବାକ୍ୟ । ଏହା ବାଇବଲର ଶେଷ ପୁସ୍ତକ । ବାଇବଲ ଅନେକ ଲେଖକମାନଙ୍କ ଦ୍ୱାରା ଅନେକ ବର୍ଷ ସମୟ ମଧ୍ୟରେ ଲିଖିତ ହେଲେ ମଧ୍ୟ ଏହା ଗୋଟିଏ ଏକଭାବ ବିଶିଷ୍ଟ ପୁସ୍ତକ । ଗୋଟିଏ ପୁସ୍ତକରେ ଲିଖିତ ବିଷୟ, ଅନ୍ୟ ପୁସ୍ତକରେ ଲିଖିତ ବିଷୟ ମଧ୍ୟରେ ବିପରିତଭାବ ଦେଖିବାକୁ ମିଳେ ନାହିଁ । ଯେହେତୁ ଏହା ଈଶ୍ୱର ନିଶ୍ୱସିତ । ବାଇବଲ ପରି ଅନ୍ୟ ଏକ ପୁସ୍ତକ ଆମ୍ଭେମାନେ ଦେଖି ନ ପାରୁ ।

ଆକାଶ ମଣ୍ଡଳର ଆରମ୍ଭ, ମନୁଷ୍ୟର ସୃଷ୍ଟି, ମନୁଷ୍ୟ ଜୀବନର ଲକ୍ଷ୍ୟ, ପ୍ରକୃତିର

ବିବରଣ ଆମ୍ଭେ କେବଳ ବାଇବଲରେ ପାଇପାରୁ । ଏହି ପୁସ୍ତକ ଦ୍ୱାରା ଅତୀତର ଘଟିଥିବା ଘଟଣାଗୁଡିକ ଓ ଭବିଷ୍ୟତରେ କଅଣ ଘଟିବ ମଧ୍ୟ ଜାଣିପାରୁ । ଏହି ପୁସ୍ତକରେ ଲିଖିତ ଅନେକ ଭାବବାଣୀଗୁଡିକ ସଫଳ ହୋଇ ସାରିଲାଣି । ଅନେକ ଆଶୀର୍ବାଦର ପ୍ରତିଜ୍ଞା ଏଥିରେ ପାଇପାରୁ । ଏହି ପୁସ୍ତକ ଭବିଷ୍ୟତର ସମସ୍ତ ବାଧାକୁ ଜୟକରି ସ୍ଥାୟୀ ହୋଇ ରହିପାରିବ, ଏଥିରେ ସନ୍ଦେହ ନାହିଁ ।

ଈଶ୍ୱର ଏହି ପୁସ୍ତକ ଦ୍ୱାରା ମନୁଷ୍ୟମାନଙ୍କ ସହିତ କଥା କହୁଅଛନ୍ତି । ଏହା ଦ୍ୱାରା ସେ ଆପଣା ଅଦ୍ୱିତୀୟ ପୁତ୍ର ଓ ଆମ୍ଭମାନଙ୍କର ପ୍ରତି ତାଙ୍କର ଇଚ୍ଛା ପ୍ରକାଶ କରିଅଛନ୍ତି । ଏଥିରେ ମଣ୍ଡଳୀର ସ୍ଥାପନ ଓ ତାହାର ଅଭିବୃଦ୍ଧି ବିଷୟରେ ମଧ୍ୟ ପଢିବାକୁ ପାଇବାରୁ । ଏଥିରେ ଲିଖିତ ଆଜ୍ଞାଗୁଡିକ ପାଳନ କରିବା ଦ୍ୱାରା ଆମ୍ଭେମାନେ ଏହି ଜଗତକୁ ଜୟ କରି ପାରିବା ।

ଏହି ପୁସ୍ତକ ବିଷୟରେ ପ୍ରେରିତ ପାଉଲ ଏପରି ଲେଖନ୍ତି । "ସମସ୍ତ ଶାସ୍ତ୍ର ଈଶ୍ୱର ନିଶ୍ୱଶିତ ଏବଂ ଶିକ୍ଷା, ଅନୁଯୋଗ ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ, ଯେପରି ଈଶ୍ୱରଙ୍କ ଲୋକ ସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହୁଏ" । (୨ୟ ତୀମଥି ୩ : ୧୬,୧୭) । ଏହା ଈଶ୍ୱରଙ୍କ ନିଶ୍ୱଶିତ ଓ ତାହାଙ୍କଠାରୁ ଆଗତ । ମନୁଷ୍ୟ ସତ୍‌ମାର୍ଗରେ ଚାଲିବା ନିମନ୍ତେ ଏହା ଏକ ପଥ ପ୍ରଦର୍ଶକ । ଈଶ୍ୱରଙ୍କ ବାକ୍ୟ ସତ୍ୟ ଓ ସେହି ସତ୍ୟ ଆମ୍ଭମାନଙ୍କୁ ଆମ୍ଭମାନଙ୍କ ପାପ ଠାରୁ ମୁକ୍ତ କରେ (ଯୋହନ ୮; ୩୨, ୧୭ :୧୭) । ଆମ୍ଭେମାନେ ଯଦି ଈଶ୍ୱରଙ୍କ ବାକ୍ୟ ପ୍ରଚାର କରୁ, ଆମ୍ଭେମାନେ ଈଶ୍ୱରଙ୍କ ବାକ୍ୟର ପ୍ରଚାରକ ପରି ପ୍ରଚାର କରିବା ପାଇଁ ପିତର କହନ୍ତି ( ୧ମ ପିତର ୪:୧୧) ଅର୍ଥାତ୍ ଆମ୍ଭମାନଙ୍କ ପ୍ରଚାର ଯେପରି ଈଶ୍ୱରଙ୍କ ବାକ୍ୟର ବିପରୀତ ନ ହୁଏ । ଖ୍ରୀଷ୍ଟ, ଧର୍ମଶାସ୍ତ୍ର ଅନୁସନ୍ଧାନ କରିବା ପାଇଁ କହି ଅଛନ୍ତି (୨ୟ ତିମଥି ଯୋହନ ୫:୩୯) । ଖ୍ରୀଷ୍ଟ ଏହି ପୁସ୍ତକରେ କିଛି ଯୋଗ କିମ୍ବା ଲୋପ ନ କରିବା ପାଇଁ ଆଦେଶ ଦେଇ ଅଛନ୍ତି (ପ୍ରକାଶିତ ୨୨ : ୧୮,୨୯)

ବାଇବଲ ଜଗତରେ ଥିବା ସମସ୍ତ ପୁସ୍ତକ ଠାରୁ ଶ୍ରେଷ୍ଠତମ ଓ ଉତ୍କୃଷ୍ଟତମ ପୁସ୍ତକ । ଆମ୍ଭେମାନେ ଏହି ପୁସ୍ତକରେ ଲିଖିତ ବାକ୍ୟ ଗୁଡିକର ଆଜ୍ଞାବହ ନ ହେଲେ ଶାପଗ୍ରସ୍ତ ହେବା । ଏଥିରେ ଥିବା ଆଜ୍ଞା ସବୁ ପାଳନ କରିବା ଆଶୀର୍ବାଦ ପ୍ରାପ୍ତ ହେବା ।

***-J.C. Choate***

# ଲୋଟଙ୍କ ଶ୍ରୀମତୀ
## (Mrs. Lot)

ତେରହ ଆପଣା ପୁତ୍ର ଅବ୍ରାହାମ, ପୁତ୍ରବଧୂ ସାରା ଓ ପୌତ୍ର ଲୋଟ ସହ କଲଦୀମାନଙ୍କ ଉର ଠାରୁ କିଣାନ ଦେଶ ଅଭିମୁଖେ ଯାତ୍ରା କରି ହାରଣ ନଗରରେ ଉତରି ବସତି କଲେ । ସେହି ନଗରରେ ସେ ମୃତ୍ୟୁବରଣ କଲେ । ସଦାପ୍ରଭୁ ପରମେଶ୍ୱର ଅବ୍ରାହମଙ୍କୁ ଆପଣା ସ୍ୱଜନ ଓ ସ୍ୱଦେଶ ପରିତ୍ୟାଗ କରି, ସେ ଦେଖାଉଥିବା ଦେଶକୁ ପ୍ରସ୍ଥାନ କରିବାକୁ ଆଜ୍ଞା ଦେଲେ । "......ତୁମ୍ଭେ ଆପଣା ଦେଶ ଓ ଜ୍ଞାତି କୁଟୁମ୍ବ ଓ ପୈତୃକ ଗୃହ ପରିତ୍ୟାଗ କରି, ଆମ୍ଭେ ଯେଉଁ ଦେଶ ତୁମ୍ଭକୁ ଦେଖାଇବା, ସେହି ଦେଶକୁ ଯାଅ । ଆମ୍ଭେ ତୁମ୍ଭଠାରୁ ଏକ ମହାଗୋଷ୍ଠୀ ଉତ୍ପନ୍ନ କରିବା, ପୁଣି ଆମ୍ଭେ ତୁମ୍ଭକୁ ଆଶୀର୍ବାଦ କରି ତୁମ୍ଭର ନାମ ମହତ କରିବା, ତୁମ୍ଭେ ଆଶୀର୍ବାଦର ଆକାର ହେବ ।" (ଆଦି ୧୨:୧-୨) ସଦାପ୍ରଭୁଙ୍କ ଆଜ୍ଞାନୁଯାୟୀ ଅବ୍ରହାମ, ସାରା ଓ ଲୋଟଙ୍କ ସହ ଯାତ୍ରା କରି କିଣାନ ଦେଶରେ ଉପସ୍ଥିତ ହେଲେ । ଅବ୍ରାହମ ଓ ଲୋଟଙ୍କ ବହୁତ ଧନ ସମ୍ପଦ, ଅନେକ ମେଷ ଓ ଗୋରୁ ଓ ତମ୍ବୁ ଥିଲା । ତେଣୁକରି ଅବ୍ରାହାମ ଓ ଲୋଟ ଏକତ୍ର ବାସ କରିପାରିଲେ ନାହିଁ । ଏଣୁ ଅବ୍ରାହାମ ଲୋଟଙ୍କୁ କହିଲେ,"......ମୁଁ ବିନୟ କରୁଅଛି, ତୁମ୍ଭ ଆମ୍ଭ ମଧ୍ୟରେ ପୁଣି ତୁମ୍ଭର ପଶୁପାଳକ ଓ ମୋହର ପଶୁପାଳକ ମଧ୍ୟରେ ବିବାଦ ନ ହେଉ, କାରଣ ଆମ୍ଭେମାନେ ଭାଇ । ତୁମ୍ଭ ସମ୍ମୁଖରେ କି ଏହା ସମସ୍ତ ଦେଶ ଦେଖନାହିଁ ?....ସେତେବେଳେ ଲୋଟ ଅନାଇ ଦେଖିଲେ, ସୋୟର ପର୍ଯ୍ୟନ୍ତ ଯର୍ଦ୍ଦନର ସମସ୍ତ ପ୍ରାନ୍ତର ସଦାପ୍ରଭୁଙ୍କ ଉଦ୍ୟାନ ପରି ସର୍ବତ୍ର ସଜଳ ଓ ମିସର ଦେଶ ତୁଲ୍ୟ ଅଟଇ,........ଅବ୍ରାହାମ କିଣାନ ଦେଶରେ ବସତି କଲେ, ପୁଣି ଲୋଟ ସେହି ପ୍ରାନ୍ତରସ୍ଥିତ ସମସ୍ତ ନଗର ମଧ୍ୟରେ ବାସ କରି ସଦୋମ ପର୍ଯ୍ୟନ୍ତ ତମ୍ବୁ ସ୍ଥାପନ କରିବାକୁ ଲାଗିଲେ । ସେହି ସଦୋମର ଲୋକମାନେ ମହାଦୁଷ୍ଟ ଓ ସଦାପ୍ରଭୁଙ୍କ ଛାମୁରେ ଅତି ପାପୀଷ୍ଠ ଥିଲେ ।" (ଆଦି ୧୩:୮-୧୩) ଲୋଟ ଆପଣା ମେଷ, ଗୋରୁମାନଙ୍କ ଉପଯୋଗୀ ସୋୟାର ପ୍ରାନ୍ତରରେ ଆପଣା ବସତି ମନୋନୀତ କଲେ । ସେ ସେଠାରେ ବସତି କରି ବିବାହ କରି ଦୁଇ କନ୍ୟା ଜାତ କଲେ ।

ସଦୋମ ଓ ହମୋରାର ପାପ ଅତିଶୟ ଗୁରୁତର ହୋଇ ପରମେଶ୍ୱରଙ୍କ ଛାମୁରେ ମହାଧ୍ୱନି ଉଠିଲା । ଅବ୍ରାହାମ ସେହି ନଗରଗୁଡ଼ିକ ଧ୍ୱଂସ କରିବା ନିମନ୍ତେ ସଦାପ୍ରଭୁଙ୍କୁ

ଅନୁରୋଧ କଲେ । ସେହି ନଗରଗୁଡ଼ିକରେ ଦଶଜଣ ଧାର୍ମିକ ବ୍ୟକ୍ତି ନିମନ୍ତେ ସଦାପ୍ରଭୁ ଧ୍ୱଂସ କରିବେ ନାହିଁ ବୋଲି ପ୍ରତିଜ୍ଞା କରିଥିଲେ । କେବଳ ଲୋଟ ଓ ତାହାଙ୍କ ପରିବାରଙ୍କୁ ସଦାପ୍ରଭୁ ବିନଷ୍ଟ ନ କରିବା ନିମନ୍ତେ ଆପଣା ଦୂତମାନଙ୍କୁ ପଠାଇଲେ ।

ସଦାପ୍ରଭୁଙ୍କ ଦୁଇଦୂତ ଅତି ପ୍ରଭାତରେ ଲୋଟଙ୍କୁ ଚଞ୍ଚଳ କରାଇ କହିଲେ, "....ଉଠ, ଆପଣାର ଭାର୍ଯ୍ୟା ଓ ଏହି ଯେଉଁ ଦୁଇ କନ୍ୟା ଏଠାରେ ଅଛନ୍ତି, ସେମାନଙ୍କୁ ଘେନିଯାଅ, ନୋହିଲେ ନଗରର ଦଣ୍ଡରେ ବିନଷ୍ଟ ହେବ.....ପ୍ରାଣ ରକ୍ଷା ନିମନ୍ତେ ପଳାଅ, ପଛଆଡକୁ ଦୃଷ୍ଟି କର ନାହିଁ...." (ଆଦି ୧:୧୫-୧୭)

ସଦାପ୍ରଭୁ ପରମେଶ୍ୱର ସଦୋମ ଓ ହମୋରା ନଗରଗୁଡ଼ିକ ଗନ୍ଧକ ଓ ଅଗ୍ନି ବୃଷ୍ଟି କରି ଧ୍ୱଂସ କରିଥିଲେ । କେବଳ ଲୋଟ, ତାହାଙ୍କ ଭାର୍ଯ୍ୟା ଓ ତାହାଙ୍କୁ ଦୁଇ କନ୍ୟା ନିମନ୍ତେ ରକ୍ଷା କରିବା ସଦାପ୍ରଭୁଙ୍କ ଯୋଜନା ଥିଲା । ସେମାନେ ବିନାଶରୁ ରକ୍ଷା କରିବା ନିମନ୍ତେ ଦୁଇଟି ସର୍ତ୍ତ ଦିଆଯାଇଥିଲା (୧) ପ୍ରାଣରକ୍ଷା କରିବା ନିମନ୍ତେ ପଳାୟନ (୨) ପଛଆଡ଼କୁ ଘୁରି ନଦେଖିବା ଲୋଟଙ୍କ ପରିବାର ପ୍ରାଣରକ୍ଷା ନିମନ୍ତେ ପଳାୟନ କରିଥିଲେ କିନ୍ତୁ ".....ଲୋଟର ଭାର୍ଯ୍ୟା ପଛଆଡ଼କୁ ଅନାଇବାରୁ ସେ ଲବଣସ୍ତମ୍ଭ ହେଲା" (ଆଦି ୧୯:୨୬) । ଲୋଟଙ୍କ ଭାର୍ଯ୍ୟା ପ୍ରଥମ ଆଜ୍ଞା ପାଳନ କଲେ ହେଁ, ଦ୍ୱିତୀୟ ଆଜ୍ଞା ଅମାନ୍ୟ କରିଥିବାରୁ ଲବଣ ସ୍ତମ୍ଭ ହେଲେ । ବିନାଶରୁ ରକ୍ଷା ପାଇପାରିଲେ ନାହିଁ ।

ସଦାପ୍ରଭୁ ମନୁଷ୍ୟମାନଙ୍କୁ ଯେଉଁସବୁ ଆଜ୍ଞା ଦେଇ ଅଛନ୍ତି, ସେସବୁ ପାଳନରେ ମନୁଷ୍ୟର ମଙ୍ଗଳ, ନଚେତ୍ ବିନଷ୍ଟ ହେବେ । ଆଦମ ଓ ହବା ସଦାପ୍ରଭୁଙ୍କ ଆଜ୍ଞା ଅମାନ୍ୟ କରିବାରୁ ମୃତ୍ୟୁ ଏ ଜଗତରେ ପ୍ରବେଶ କରିଥିଲା । ହାରୋଣଙ୍କର ଦୁଇପୁତ୍ର ନାଦବ ଓ ଅବୀହୂ ସଦାପ୍ରଭୁ ଯାହା ଆଜ୍ଞା କରି ନଥିଲେ ଏପରି ଇତର ଅଗ୍ନି ତାହାଙ୍କ ଛାମୁରେ ଉତ୍ସର୍ଗ କରି, ସଦାପ୍ରଭୁଙ୍କ ଛାମୁରେ ମଲେ । (ଲେବୀ ୧୦:୧-୨) ଯିରୀହୋ ନଗରର ପତନ ସମୟରେ, ଆଖାନ ବର୍ଜିତ ବସ୍ତୁ ବିଷୟରେ ଆଜ୍ଞାଲଂଘନ କରି, ସପରିବାରେ ବିନଷ୍ଟ ହୋଇଥିଲେ । ଇସ୍ରାଏଲର ପ୍ରଥମ ରାଜା, ସଦାପ୍ରଭୁଙ୍କ ଆଜ୍ଞାନୁଯାୟୀ ଅମାଲେକୀୟମାନଙ୍କୁ ବର୍ଜିତ ରୂପେ ବିନାଶ ନ କରି, ସଦାପ୍ରଭୁଙ୍କ କ୍ରୋଧର ପାତ୍ର ହୋଇଥିଲେ । (୧ମ ଶାମୁୟେଲ ୧୫ ଅଧ୍ୟାୟ) ସଦାପ୍ରଭୁଙ୍କ ଆଜ୍ଞାଲଂଘନ ହିଁ ପାପ ଓ ପାପର ବେତନ ମୃତ୍ୟୁ ।

ନୂତନ ନିୟମରେ ମନୁଷ୍ୟମାନଙ୍କ ନିମନ୍ତେ ଅନେକ ଆଜ୍ଞା ଦିଆଯାଇଅଛି । ତାହା ପାଳନ କଲେ ଆମ୍ଭେମାନେ ଆଗାମୀ ବିନାଶରୁ ମୃତ୍ୟୁରୁ, ନରକରୁ ରକ୍ଷା ପାଇପାରିବା । ଯୀଶୁଖ୍ରୀଷ୍ଟ ପ୍ରେରିତମାନଙ୍କୁ ଆଜ୍ଞା ଦେଇ କହିଲେ,"ଅତଏବ, ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ, ପିତା, ପୁତ୍ର ଓ ପବିତ୍ର ଆତ୍ମାରେ ବାପ୍ତିସ୍ମ ଦେଇ, ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ, ସେମାନଙ୍କୁ ଶିଷ୍ୟ କର, ଆଉ ଦେଖ, ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗରେ ଅଛି ।" (ମାଥିଉ ୨୮:୧୯-୨୦) "ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।" (ମାର୍କ ୧୬:୧୬) ଯେଉଁମାନେ ବିଶ୍ୱାସ କରି ବାପ୍ତିଜିତ ହୁଅନ୍ତି, ସେମାନେ ପ୍ରଭୁଙ୍କ ଦ୍ୱାରା ମଣ୍ଡଳୀରେ ସଂଯୁକ୍ତ ହୁଅନ୍ତି । (ପ୍ରେରିତ ୨:୪୭) । ଖ୍ରୀଷ୍ଟଙ୍କ ଆତ୍ମିକ ପରିବାରରେ ଅର୍ଥାତ୍ ମଣ୍ଡଳୀ ସହଭାଗିତାରେ, ପ୍ରାର୍ଥନାରେ, ରୋଟୀ ଭାଙ୍ଗିବାରେ, ବାକ୍ୟଧ୍ୟାନରେ ନିବିଷ୍ଟ ରହିଲେ, ଆମ୍ଭେମାନେ ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଭାବେ ଜୀବନଯାପନ କରିବା । ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଜୀବନଯାପନ କଲେ, ସେ ଆମ୍ଭମାନଙ୍କୁ ଜୀବନରୂପ ମୁକୁଟ ଦେବେ । (ପ୍ରକାଶିତ ୨:୧୦) । ଜୀବନର ପଥରେ, ଲୋଟଙ୍କ ସ୍ତ୍ରୀ ସଦୃଶ୍ୟ ଜଗତ ଆଡ଼େ ପଛକୁ ଅନାଇଲେ, ବିନଷ୍ଟ ହେବା । ଲୋଟଙ୍କ ସ୍ତ୍ରୀର କଥା ସ୍ମରଣ କରି, ଆମ୍ଭମାନଙ୍କ ଜୀବନ ସଜାଡୁ ।

*- Kabita Gootam*

❋❋❋

Hear **"SATYAVANI"** in ORIYA
A Radio Programme presented by
Churches of Christ on **Radio Srilanka**
**Every Sunday at 6.45 a.m.**
*Do not miss this great opportunity.*
*Tell others !*

# ସ୍ୱଚ୍ଛନ୍ଦମନା ସକଳେ
## (All who are willing)

ସୈନ୍ୟାଧିପତି ସଦାପ୍ରଭୁ ସିୟୋନ ପର୍ବତ ଉପରେ ସମାଗମ ତମ୍ବୁର ନିର୍ମାଣ କରିବା ନିମନ୍ତେ ଆଦେଶ ଓ ଆଦର୍ଶ ଦେଇଥିଲେ । (ଏବ୍ରୀ ୮:୫)

"ଆଉ, ମୋଶା ଇସ୍ରାଏଲ-ସନ୍ତାନଗଣର ସମସ୍ତ ମଣ୍ଡଳୀକି ଆହୁରି କହିଲେ, ସଦାପ୍ରଭୁ ଏହି ଆଜ୍ଞା ଦେଲେ । ତୁମ୍ଭେମାନେ ସଦାପ୍ରଭୁଙ୍କ ନିମନ୍ତେ ଆପଣମାନଙ୍କ ମଧ୍ୟରୁ ଉପହାର ସଂଗ୍ରହ କର, ଯେକେହି ସ୍ୱଚ୍ଛନ୍ଦମନା, ସେ ସଦାପ୍ରଭୁଙ୍କ ନିମନ୍ତେ ସ୍ୱର୍ଣ୍ଣ ଓ ରୌପ୍ୟ ଓ ପିତ୍ତଳ, ପୁଣି ନୀଳବର୍ଣ୍ଣ ଓ ଧୂମ୍ରବର୍ଣ୍ଣ ଓ ସିନ୍ଦୁରବର୍ଣ୍ଣ ଓ ଶୁଭ୍ର ଓ କ୍ଷୌମସୂତ୍ର ଓ ଛାଗଲୋମ, ପୁଣି ରକ୍ତୀକୃତ ମେଷଚର୍ମ ଓ ଶିଶକଚର୍ମ ଓ ଶିଟୀମ କାଷ୍ଠ, ପୁଣି ଦୀପାର୍ଥକ ତୈଳ ଓ ଅଭିଷେକାର୍ଥ ତୈଳ ଓ ସୁଗନ୍ଧି ଧୂପାର୍ଥକ ଗନ୍ଧଦ୍ରବ୍ୟ । ପୁଣି ଏଫୋଦ ଓ ବୁକୁପଟା ନିମନ୍ତେ ଗେମେଦର ମଣି ପ୍ରଭୃତି ଖର୍ଚ୍ଚନୀୟ ପ୍ରସ୍ତର । ଏହି ସମସ୍ତ ସଦାପ୍ରଭୁଙ୍କର ଉପହାର ଆଣିବ । ଆଉ ତୁମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକ ବିଜ୍ଞମନା ଲୋକ ଆସି ସଦାପ୍ରଭୁଙ୍କ ଆଦିଷ୍ଟ ସକଳ ବସ୍ତୁ ନିର୍ମାଣ କରନ୍ତୁ ।" (ଯାତ୍ରା ୩୫:୪-୧୦) ।

ପୁନର୍ବାର କୁହାଯାଏ, "ପୁଣି ପୁରୁଷ ଓ ସ୍ତ୍ରୀ ଯେତେ ଲୋକ ସ୍ୱଚ୍ଛନ୍ଦମନା ଥିଲେ, ସେ ସମସ୍ତେ ଆସି ଉରୋମଣି ଓ କୁଣ୍ଡଳ ଓ ଅଙ୍ଗୁରୀୟ ଓ ହାର ପ୍ରଭୃତି ସ୍ୱର୍ଣ୍ଣ ଅଳଙ୍କାର ସବୁ ଆଣିଲେ, ପ୍ରତ୍ୟେକ ଜଣ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ସ୍ୱର୍ଣ୍ଣର ଉପହାର ଆଣିଲେ ।" (ଯାତ୍ରା ୩୫:୨୨)

ଯାତ୍ରା ପୁସ୍ତକ ୩୫:୨୦-୨୬ (୩୫:୨୧,୨୨,୨୯,୩୬:୨) ଚାରିଥର 'ସ୍ୱଚ୍ଛନ୍ଦମନା' ଓ "ଯେଉଁମାନଙ୍କ ମନ ସେମାନଙ୍କୁ ଇଚ୍ଛୁକ କଲା" ପଦ ପଢ଼ିପାରୁ । ପ୍ରାନ୍ତରରେ ପ୍ରତ୍ୟେକ ଇସ୍ରାଏଲ ସମାଗମ ତମ୍ବୁ କରିବାରେ ସହଯୋଗ କରି ନଥିଲେ । କେବଳ ଯେଉଁମାନେ ସ୍ୱଚ୍ଛନ୍ଦମନା ଲୋକେ ଉପହାର ଆଣିଥିଲେ । ସ୍ୱଚ୍ଛନ୍ଦ ଉପହାର ଆଣିବା ଲୋକମାନଙ୍କୁ ଶିକ୍ଷା ଦେବା ନିମନ୍ତେ ବତ୍ସଲେଲ ଓ ଅହଲୀୟାବରଙ୍କ ମନରେ ପ୍ରବୃତ୍ତି ସଦାପ୍ରଭୁ ଦେଲେ । ଏମାନଙ୍କ ସହଯୋଗ କେତେ ପ୍ରୟୋଜନକାରକ ଥିଲା ଯେ, ଅନେକ ବର୍ଷ ପରେ ପ୍ରେରିତ ପାଉଲ, 'ଶିକ୍ଷା ଦେବାକୁ ଇଚ୍ଛୁକ' ମାନଙ୍କ ବିଷୟରେ ତୀମଥିଙ୍କୁ କହନ୍ତି, "ଆଉ, ଅନେକ ସାକ୍ଷୀଙ୍କ ସାକ୍ଷାତରେ ଯେଉଁସବୁ ବାକ୍ୟ ମୋ

ଠାରୁ ଶୁଣିଅଛ, ଯେଉଁମାନେ ଅନ୍ୟମାନଙ୍କୁ ମଧ୍ୟ ଶିକ୍ଷା ଦେବାକୁ ସମର୍ଥ, ଏପରି ବିଶ୍ୱସ୍ତ ଲୋକମାନଙ୍କ ନିକଟରେ ସେହିସବୁ ଅର୍ପଣ କର ।'' (୨ ତୀମଥି ୨:୨) । ଆମ୍ଭମାନଙ୍କ ଜୀବନ ପରମେଶ୍ୱରଙ୍କ ଆଦର୍ଶରେ ପରିଚାଳିତ ହେଲେ, ସେ ଆମ୍ଭମାନଙ୍କୁ ଅନ୍ୟମାନଙ୍କୁ ଶିକ୍ଷା ଦେବାରେ ବ୍ୟବହାର କରିବେ ।

ଶିକ୍ଷାଦେବାରେ ଦକ୍ଷ ହେଲେ ସୁଦ୍ଧା, ଶିକ୍ଷା ଗ୍ରହଣ କରିବାକୁ ଅନିଚ୍ଛୁକ ମାନଙ୍କୁ ଶିକ୍ଷା ଦେବା କାଠିକର ପାଠ । ମୋଶାଙ୍କ ସଦୃଶ୍ୟ ଅନିଚ୍ଛୁକମାନଙ୍କୁ ଆମ୍ଭେମାନେ ବହିର୍ଗତ କରି ନ ପାରୁ । ପୁରୁଷ ଓ ସ୍ତ୍ରୀ ସମାଗମ ତମ୍ବୁ ନିର୍ମାଣ ନିମନ୍ତେ, ସ୍ୱଚ୍ଛନ୍ଦମନା ଉପହାର ଏତେ ଆଣିଲେ ଯେ, ଆବଶ୍ୟକ ଠାରୁ ଦ୍ରବ୍ୟ ପ୍ରଚୁର ଓ ତତୋଧିକ ଥିଲା । ''ତହିଁରେ ମୋଶା ଆଜ୍ଞା ଦେଇ ଛାଉଣୀର ସର୍ବତ୍ର ଏହା ଘୋଷଣା କରାଇଲେ, ପୁରୁଷ କି ସ୍ତ୍ରୀ ପବିତ୍ର ସ୍ଥାନ ନିମନ୍ତେ ଆଉ ଉପହାର ପ୍ରସ୍ତୁତ ନ କରନ୍ତୁ । ଏଣୁ ଲୋକମାନେ ଆଣିବାରୁ ନିବୃତ୍ତ ହେଲେ ।'' (ଯାତ୍ରା ୩୬:୬) କିନ୍ତୁ ଯେଉଁମାନେ ଶିକ୍ଷା ଗ୍ରହଣ କରିବାକୁ ଅନିଚ୍ଛୁକ ଥିଲେ, ସେମାନଙ୍କୁ ଶିକ୍ଷା ଦେବା ନିମନ୍ତେ ସେମାନଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା ।

ମନୁଷ୍ୟମାନେ ପ୍ରାପ୍ତ ଶିକ୍ଷା ଗ୍ରହଣ କରି, ଆଜ୍ଞାବହ ହେଲେ ପରିତ୍ରାଣ ପ୍ରାପ୍ତ ହୁଅନ୍ତି (ରୋମୀୟ ୬:୧୭) । ପରିତ୍ରାଣ ପ୍ରାପ୍ତ ହେବା ନିମନ୍ତେ ମନୁଷ୍ୟକୁ ସ୍ୱଚ୍ଛନ୍ଦମନା ଭାବେ ଆପଣାକୁ ପରମେଶ୍ୱରଙ୍କ ଆଜ୍ଞା ସକଳକୁ ସମର୍ପଣ କରିବା ଆବଶ୍ୟକ । ଇଶ୍ରାଏଲୀୟମାନଙ୍କ ସ୍ୱଚ୍ଛନ୍ଦମନା ଉପହାର ଦ୍ୱାରା ସମାଗମ ତମ୍ବୁ ନିର୍ମିତ ହେଲା, ସୁଶୋଭିତ ହୋଇଥିଲା ଓ ସୈନ୍ୟାଧିପତି ସଦାପ୍ରଭୁଙ୍କ ମହିମାରେ ପୂର୍ଣ୍ଣ ହୋଇଥିଲା । ଆପଣା କି ସ୍ୱଚ୍ଛନ୍ଦମନେ ଯୀଶୁଙ୍କୁ ଆପଣ ଜୀବନ ଅର୍ପଣ କରିଅଛନ୍ତି ? ସେ ଆପଣଙ୍କ ଜୀବନ ଅନନ୍ତ ଜୀବନ ନିମନ୍ତେ ସୁଗଠିତ ଓ ସୁଶୋଭିତ କରି, ମହାମହିମାର ପିତା ପରମେଶ୍ୱରଙ୍କ ଛାମୁରେ ଉପସ୍ଥିତ କରିବେ ।

*- K.S. Swamidass*

❀❀❀

# ବେଳେବେଳେ ଉପାସନା ଅଗ୍ରାହ୍ୟ ହୁଏ !
## (Worship sometime refused !)

"ଉପାସନାର ପଦ୍ଧତି ଯାହାବି ହେଉ, ଆପଣା ହୃଦୟ ସଠିକ୍ ରହିଲେ ଯଥେଷ୍ଟ" ବୋଲି ଏକ ବାର୍ତ୍ତା ମୁଁ ରେଡ଼ିଓ ଦ୍ୱାରା ଶୁଣୁଥିଲି । ଏହି ମନ୍ତବ୍ୟ ଏକ ପରମେଶ୍ୱରଙ୍କ ବାକ୍ୟ ପ୍ରଚାରକଙ୍କର । ଏହା ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗିପାରେ କିନ୍ତୁ ଆଜିର ଯୁଗରେ ଏହି ମନ୍ତବ୍ୟରେ ଜଗତରେ ଅନେକେ ବିଶ୍ୱାସ କରନ୍ତି ।

ଆମ୍ଭେମାନେ ଯେପରି ଭାବେ ବି ଉପାସନା କରିପାରିବା, ଏହା କି ସତ୍ୟ ? ଆସ ଆମ୍ଭେମାନେ ଏ ବିଷୟରେ ବାଇବଲ କଅଣ କହେ, ଜାଣିବା :-

୧) ଆଦି ପିତାମାତାଙ୍କ ପ୍ରଥମ ସନ୍ତାନ କୟିନ ଓ ହେବଲଙ୍କ ଉପାସନାରେ କି ପାର୍ଥକ୍ୟ ଥିଲା ? ନିଶ୍ଚିତ ଭାବେ ହେବଲ ବିଶ୍ୱାସରେ ପରମେଶ୍ୱରଙ୍କୁ ଶ୍ରେଷ୍ଠତମ ପଶୁ ବଳି ରୂପେ ଅର୍ପଣ କରିଥିଲେ । (ଏବ୍ରୀ ୧୧:୪) ବିଶ୍ୱାସ ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ପରମେଶ୍ୱରଙ୍କ ବାକ୍ୟରୁ ହୁଏ ବୋଲି ପ୍ରେରିତ ପାଉଲ ରୋମୀୟ ୧୦:୧୭ ପଦ ଦ୍ୱାରା ଜଣାଇଅଛନ୍ତି । ଅତଏବ, ଦୁଇ ଭାଇ ପରମେଶ୍ୱରଙ୍କ ବାକ୍ୟ ଶ୍ରବଣ କରିଥିଲେ, କିନ୍ତୁ ହେବଲ ଜଣେ ମାତ୍ର ପରମେଶ୍ୱରଙ୍କ ତୁଷ୍ଟ ବଳି ଅର୍ପଣ କରିଥିଲେ । କୟିନ ଆପଣା ମନରେ କହିଥିବେ, "ମୁଁ ମୋର ଫସଲର ଶ୍ରେଷ୍ଠ ଶସ୍ୟ ପରମେଶ୍ୱରଙ୍କୁ ଦାନ କରୁଅଛି । ପରମେଶ୍ୱର ନିଶ୍ଚିତ ଭାବେ ସନ୍ତୁଷ୍ଟ ହେବେ ।" କିନ୍ତୁ କୟିନଙ୍କ ବଳି, ପରମେଶ୍ୱରଙ୍କ ଦ୍ୱାରା ଅଗ୍ରାହ୍ୟ ହୋଇଥିଲା ।

୨) ନାଦବ ଓ ଅବୀହୂ ନାମକ ଦୁଇ ଯାଜକ ବିଷୟରେ ଲେଖାଯାଏ, "ଅନନ୍ତର ହାରୋଣଙ୍କର ପୁତ୍ର ନାଦବ ଓ ଅବୀହୂ ପ୍ରତ୍ୟେକେ ଆପଣା ଆପଣା ଅଙ୍ଗାରଧନୀ ନେଇ ତହିଁରେ ଅଗ୍ନି ଦେଇ ତହିଁ ଉପରେ ଧୂପ ରଖିଲେ, ପୁଣି ସଦାପ୍ରଭୁ ଯାହା ଆଜ୍ଞା କରି ନଥିଲେ, ଏପରି ଇତର ଅଗ୍ନି ତାହାଙ୍କ ଛାମୁରେ ଉତ୍ସର୍ଗ କଲେ । ତହିଁରେ ସଦାପ୍ରଭୁଙ୍କ ସମ୍ମୁଖରୁ ଅଗ୍ନି ନିର୍ଗତ ହୋଇ ସେମାନଙ୍କୁ ଗ୍ରାସ କଲା ଓ ସେମାନେ ସଦାପ୍ରଭୁଙ୍କ ସମ୍ମୁଖରେ ମଲେ ।" (ଲେବୀ ୧୦:୧,୨) । ଇତର ଅଗ୍ନି କି ପରମେଶ୍ୱରଙ୍କୁ ତୁଷ୍ଟ କରିଥିଲା ? କେବେ ନୁହେଁ । ଏହା ଇତର ଓ ଅପବିତ୍ର ଅଗ୍ନି ବୋଲି କାହିଁକି କୁହାଯାଏ - ସେହି ଅଗ୍ନି ପରମେଶ୍ୱରଙ୍କ ଦ୍ୱାରା ଆଜ୍ଞାପିତ ହୋଇ ନଥିବାରୁ । (୧ମ ପଦ) ଯାହା ପରମେଶ୍ୱର ଆଜ୍ଞା କରିନାହାନ୍ତି, ସେପରି ଉପାସନା କି ପରମେଶ୍ୱର ଗ୍ରହଣ କରିବେ ?

୩)    ତାର୍ଷ ନଗରବାସୀ ପାଉଲ, ମୋଶା ଧର୍ମଶାସ୍ତ୍ରାନୁଯାୟୀ ପରମେଶ୍ୱରଙ୍କୁ ଉପାସନା କରିବା ଓ ମଣ୍ଡଳୀକୁ ତାଡ଼ନା କରିବା ପରମେଶ୍ୱରଙ୍କ ତୁଷ୍ଟଜନକ ବୋଲି ସେ ମନେ କରିଥିଲେ । ତାହାଙ୍କ ଉପାସନା କି ପରମେଶ୍ୱର ଗ୍ରହଣ କରିଥିଲେ । କେବେ ନୁହେଁ । ପାଉଲ ସେ ସଠିକ୍ ମାର୍ଗରେ ଗମନ କରୁଅଛନ୍ତି ବୋଲି ମନେ କରୁଥିଲେ । "ନାଜରିତୀୟ ଯୀଶୁଙ୍କ ନାମ ବିରୁଦ୍ଧରେ ମୋହର ଅନେକ କାର୍ଯ୍ୟ କରିବା ଯେ କର୍ତ୍ତବ୍ୟ, ଏହା ମୁଁ ନିଜେ ମନେ କରିଥିଲି ।" (ପ୍ରେରିତ ୨୬:୯) । ପରେ, ସେ ଯେ କେତେ ଭୁଲ ଥିଲେ, ନିଜେ ଜାଣିପାରିଥିଲେ ।

୪)    ଆଥନୀୟ ନିବାସୀମାନେ ଅଜ୍ଞାନତା ଯୋଗୁଁ ଅଜଣା ଦେବାତର ଉପାସନା କରୁଥିଲେ । ପାଉଲ କହନ୍ତି, "କାରଣ ମୁଁ ଭ୍ରମଣ କରିବା ସମୟରେ ଆପଣାମାନଙ୍କର ପୂଜ୍ୟ ବସ୍ତୁ ସମସ୍ତ ଦେଖୁ ଦେଖୁ ଗୋଟିଏ ବେଦି ଦେଖିଲି, ଯାହା ଉପରେ ଏହିକଥା ଲେଖା ହୋଇଅଛି, "ଅଜ୍ଞାତ ଦେବତାଙ୍କ ଉଦ୍ଦେଶ୍ୟରେ" ଅତଏବ, ଆପଣମାନେ ନ ଜାଣି ଯାହାଙ୍କର ପୂଜା କରୁଅଛନ୍ତି, ମୁଁ ତାଙ୍କୁ ଆପଣାମାନଙ୍କ ନିକଟରେ ପ୍ରଚାର କରୁଅଛି ।" (ପ୍ରେରିତ ୧୭:୨୩) । ଆକାଶ ଓ ପୃଥିବୀର ସୃଷ୍ଟିକର୍ତ୍ତାଙ୍କୁ ସେହି ନଗରବାସୀମାନେ ଜ୍ଞାତ ନଥିଲେ । ତାହାଙ୍କୁ କିପରି ଉପାସନା କରିବା ମଧ୍ୟ ସେମାନେ ଜାଣି ନଥିଲେ । ସେମାନଙ୍କ ଅଜ୍ଞାତ ଉପାସନା କି ପରମେଶ୍ୱରଙ୍କ ଗ୍ରାହ୍ୟ ଯୋଗ୍ୟ ହୋଇଥିଲା ? ପାଉଲ କହିଲେ, "ଈଶ୍ୱର ସେହି ଅଜ୍ଞାନତାର କାଳ ଉପେକ୍ଷା କରିଅଛନ୍ତି ସତ୍ୟ, କିନ୍ତୁ ଏବେ ସେ ସର୍ବତ୍ର ସମସ୍ତ ମନୁଷ୍ୟଙ୍କୁ ମନପରିବର୍ତ୍ତନ କରିବା ନିମନ୍ତେ ଜଣାନ୍ତି । (ପ୍ରେରିତ ୧୭:୩୦)

ଆଜି ମଧ୍ୟ ଏହା ସତ୍ୟ ଅଟେ । ଆମ୍ଭେମାନେ କିପରି ଉପାସନା କରିବା ଉଚିତ ଆମ୍ଭମାନଙ୍କୁ ବାକ୍ୟ ଦ୍ୱାରା ଜଣାଇ ଦେଇଅଛନ୍ତି । ତାହାଙ୍କ ଆଜ୍ଞାନୁଯାୟୀ ଉପାସନା ତାହାଙ୍କ ସନ୍ତୋଷଦାୟକ । ଦାଉଦ କହନ୍ତି, "ତୁମ୍ଭ ବାକ୍ୟ ମୋ ଚରଣ ପାଇ ପ୍ରଦୀପ ଓ ମୋ ପଥ ପାଇ ଆଲୁଅ ଅଟେ ।" (ଗୀତ ୧୧୯:୧୦୫) । ସଦ୍‌ହୃଦୟର ମନୁଷ୍ୟ କି ପରମେଶ୍ୱରଙ୍କ ଆଜ୍ଞା ବିରୁଦ୍ଧରେ କାର୍ଯ୍ୟ କରିପାରେ ?

ପରମେଶ୍ୱରଙ୍କ ଆଜ୍ଞା ଅମାନ୍ୟ କରି, ଆପଣା ସ୍ୱଇଚ୍ଛାରେ ଉପାସନା କରିବା ଲୋକମାନଙ୍କୁ ପ୍ରଭୁ ଯୀଶୁ କହନ୍ତି, ".....ରେ କପଟୀମାନେ, ଯିଶାଇୟ ତୁମ୍ଭମାନଙ୍କ ବିଷୟରେ ଯଥାର୍ଥ ରୂପେ ଭାବବାଣୀ କହିଅଛନ୍ତି, ଯେପରି ଲେଖାଅଛି, ଏହି ଜାତି ମୁଖରେ ଆମ୍ଭକୁ ସମାଦର କରନ୍ତି, କିନ୍ତୁ ସେମାନଙ୍କ ହୃଦୟ ଆମ୍ଭଠାରୁ ଦୂରରେ ଥାଏ । ସେମାନେ ମନୁଷ୍ୟମାନଙ୍କ ବିଧିଗୁଡ଼ିକ ଧର୍ମର ଉପଦେଶବାଣୀ ବୋଲି ଶିକ୍ଷା ଦେଇ

ବୃଥାରେ ଆମ୍ଭର ଆରାଧନା କରନ୍ତି । ତୁମ୍ଭେମାନେ ଈଶ୍ୱରଙ୍କ ଆଜ୍ଞା ପରିତ୍ୟାଗ କରି ମନୁଷ୍ୟମାନଙ୍କ ପରମ୍ପରାଗତ ରୀତିନୀତି ଧରି ବସିଅଛ ।'' (ମାର୍କ ୭:୬-୮) । ପରମେଶ୍ୱର କେବଳ ମୁଖସ୍ତୁତି ଗ୍ରହଣ କରିବେ ନାହିଁ । ମନୁଷ୍ୟମାନଙ୍କ ବିଧି ଦ୍ୱାରା ଉପାସନା, ବ୍ୟର୍ଥ ଉପାସନା । ଏପରି ବ୍ୟର୍ଥ ଉପାସକମାନଙ୍କ ସଂଖ୍ୟା ଅନେକ । ମନୁଷ୍ୟର ବିଧି ପରିତ୍ୟାଗ କରି, ପରମେଶ୍ୱରଙ୍କ ଆଜ୍ଞାପିତ ନିୟମାନୁଯାୟୀ ତାହାଙ୍କ ଉପାସନା କରୁ ।

ଆସ ଆମ୍ଭେମାନେ ପରମେଶ୍ୱରଙ୍କ ବାକ୍ୟ ନିକଟକୁ ଫେରି ଯାଇ, ତାହାଙ୍କୁ ଆତ୍ମା ଓ ସତ୍ୟରେ ପ୍ରାର୍ଥନା କରୁ (ଯୋହନ ୪:୨୩,୨୪) । ସଦାପ୍ରଭୁ ଆଜ୍ଞା ଦେଇଥିବା ବିଷୟ ଅନୁସରଣ କରୁ ଓ ତାହା ଶିକ୍ଷା ଦେଉ । ଏହିପରି ଉପାସନା ସଦାପ୍ରଭୁଙ୍କ ସନ୍ତୋଷଜନକ ।

*- Loy Mitchell*

❋❋❋

# ବିଚାରଦିନର କେତେକ ବିସ୍ମୟକର ଘଟଣା
## (Some Judgement Day Surprises)

ପ୍ରତ୍ୟେକ ମନୁଷ୍ୟ ନିମନ୍ତେ ଦୁଇଟି ଦିନ ନିର୍ଦ୍ଦିଷ୍ଟ ହୋଇଅଛି । ପ୍ରଥମଟି ହେଲା ମୃତ୍ୟୁର ଦିନ ଓ ଦ୍ୱିତୀୟଟି ହେଲା ବିଚାରର ଦିନ । (ଏବ୍ରୀ ୯:୨୭) । ବାଇବଲର ବାକ୍ୟ ଅଜ୍ଞାତ ଲୋକେ ମଧ୍ୟ ଜାଣନ୍ତି ଯେ, ମନୁଷ୍ୟମାନଙ୍କ ନିମନ୍ତେ ଏକ ବିଚାରର ଦିନ ଅଛି । ସେହିଦିନ ଅନେକ ଉତ୍ତମ ଓ ଅନେକ କଷ୍ଟଦାୟକ ବିସ୍ମୟକର ବିଷୟ ପ୍ରକଟିତ ହେବ ।

**ଯେଉଁମାନେ ଆପଣା ସ୍ୱନୀତି ଉପରେ ନିର୍ଭର କରନ୍ତି :-** ଅନେକେ ସେମାନଙ୍କ ସ୍ୱନୀତି ସେମାନଙ୍କୁ ରକ୍ଷା କରିବ ବୋଲି ବିଶ୍ୱାସ କରନ୍ତି । ସେମାନଙ୍କ ପାପକ୍ଷମା ନିମନ୍ତେ ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ଧୌତ ହେବା ଆବଶ୍ୟକତା ବିଷୟରେ ଅଜ୍ଞାତ ଅଟନ୍ତି । ସେମାନଙ୍କ ନୈତିକ ଜୀବନଧାରା ଦ୍ୱାରା ସେମାନେ ପରିତ୍ରାଣ ପାଇପାରିବେ ବୋଲି ମନେ କରନ୍ତି, କିନ୍ତୁ ବାକ୍ୟ କହେ, ''ସମସ୍ତେ ତ ପାପ

କରିଅଛନ୍ତି..." (ରୋମୀୟ ୩:୨୩) । ପରିତ୍ରାଣ ପ୍ରାପ୍ତି ନିମନ୍ତେ ପ୍ରତ୍ୟେକଙ୍କୁ ପରମେଶ୍ୱରଙ୍କ ଅନୁଗ୍ରହ ଆବଶ୍ୟକ । ଆମ୍ଭେମାନେ ପରମେଶ୍ୱରଙ୍କ ଅନୁଗ୍ରହରେ ପରିତ୍ରାଣ ପାଇଅଛୁ । ମନୁଷ୍ୟ ସ୍ୱକୃତ ନୁହେଁ । (ଏଫିସୀ ୨:୧-୯)

**ଯେଉଁମାନେ କେବଳ ବିଶ୍ୱାସ ଦ୍ୱାରା ପରିତ୍ରାଣ ପାଇପାରନ୍ତି ବୋଲି ବିଶ୍ୱାସ କରନ୍ତି :–** ଯାକୁବ କହନ୍ତି, କର୍ମବିନୁ ବିଶ୍ୱାସ ମୃତ । ଭୂତମାନେ ମଧ୍ୟ ଈଶ୍ୱରଙ୍କ ଠାରେ ବିଶ୍ୱାସ କରନ୍ତି, କିନ୍ତୁ ସେମାନେ ପରିତ୍ରାଣ ପାଇବେ ନାହିଁ । (ଯାକୁବ ୨:୧୯) । ଆମ୍ଭମାନଙ୍କ ବିଶ୍ୱାସ, ଆଜ୍ଞାବହତା ଦ୍ୱାରା ପ୍ରସ୍ଫୁଟିତ ହେବା ଆବଶ୍ୟକ । (ଯାକୁବ ୨:୧୪-୨୬) ଈଶ୍ୱରଙ୍କ ଠାରେ ବିଶ୍ୱାସ କରିବା ଦ୍ୱାରା ପରିତ୍ରାଣ ପ୍ରାପ୍ତ ହେବେ ବୋଲି ମନେ କରୁଥିବା ପ୍ରତ୍ୟେକେ, ବିଚାରଦିନରେ ବିସ୍ମିତ ହେବେ ।

**ଅଳସୁଆମାନେ ବିସ୍ମିତ ହେବେ :–** ଅଳସୁଆ ଖ୍ରୀଷ୍ଟିୟାନ ଦୁଷ୍ଟ ଖ୍ରୀଷ୍ଟିୟାନ ବୋଲି ବାଇବଲ ଶିକ୍ଷା ଦିଏ । ଅଳସୁଆପଣ ହିଁ ଦୁଷ୍ଟପଣ ବୋଲି ଆମ୍ଭେମାନେ 'ତୋଡ଼ା'ର ଉପମାନରୁ ଜାଣିପାରୁ । ପାଞ୍ଚତୋଡ଼ା ପାଇବା ଲୋକେ ବ୍ୟବସାୟ କରି, ଆହୁରି ପାଞ୍ଚତୋଡ଼ା ଲାଭ କଲା । ଦୁଇତୋଡ଼ା ପାଇବା ଲୋକ, ବ୍ୟବସାୟ କରି ଦୁଇତୋଡ଼ା ଲାଭ ପାଇଲା । କିନ୍ତୁ ଏକ ତୋଡ଼ା ପାଇବା ଲୋକ ମାଟିରେ ପୋତି ରଖିଲା । ପ୍ରଭୁ କହିଲେ, "ତୁମ୍ଭେମାନେ ଏହି ଅକର୍ମଣ୍ୟ ଦାସକୁ ବାହାର ଅନ୍ଧକାରରେ ପକାଇଦିଅ, ସେଠାରେ ରୋଦନ ଓ କିଡ଼ିମିଡ଼ି ହେବ ।" (ମାଥିଉ ୨୬:୩୦) । ଏହି ଅକର୍ମଣ୍ୟ ଦାସର ସମସ୍ୟା ଥିଲା ଅଳସୁଆମି ।

**ଈଷତୁଷ୍ଣ ମଣ୍ଡଳୀମାନେ ବିସ୍ମିତ ହେବେ :–** ଲାଅଦିକୀଆର ଈଷତୁଷ୍ଣ ମଣ୍ଡଳୀ ଆପଣାକୁ ଆପେ ଏକ ସିଦ୍ଧ ବୋଲି ମନେ କରୁଥିଲେ । ଆଜି ମଧ୍ୟ ଏପରି ମଣ୍ଡଳୀମାନଙ୍କ ଅଭାବ ନାହିଁ । ସେମାନେ ଆପଣା ଦୃଷ୍ଟିରେ ଧାର୍ମିକ, କିନ୍ତୁ ପରମେଶ୍ୱରଙ୍କ ଦୃଷ୍ଟିରେ ଦୁର୍ଭାଗା, ଦୀନହୀନ, ଦରିଦ୍ର, ଅନ୍ଧ ଓ ଉଲଙ୍ଗ । (ପ୍ରକାଶିତ ୩:୧୪-୧୯) । ଆତ୍ମୀୟ ଜୀବନରେ ଈଷତୁଷ୍ଣ ରହିବାର ଅର୍ଥ, କର୍କଟ ରୋଗରେ ରୋଗାକ୍ରାନ୍ତ ହୋଇ ଚିକିତ୍ସା ନ ନେବା । ଆପଣା ସ୍ୱଭାବନା, ସ୍ୱମତ, ଆତ୍ମିକ ବିଷୟରେ ନିରର୍ଥକ ।

**ଜିହ୍ବାକୁ ଅଧୀନରେ ନ ରଖିବା ଲୋକେ ବିସ୍ମିତ ହେବେ :–** ''ଯଦି କେହି ଆପଣାକୁ ଧର୍ମପରାୟଣ ବୋଲି ମନେ କରେ, ଆଉ ଆପଣା ଜିହ୍ବାକୁ ବଶୀଭୂତ ନ କରି ନିଜ ହୃଦୟକୁ ପ୍ରବଞ୍ଚନା କରେ, ତାହାର ଧର୍ମପରାୟଣତା ବୃଥା ।'' (ଯାକୁବ ୧:୨୬) । ଆମ୍ଭମାନଙ୍କ ମଧ୍ୟରୁ ଅଧିକାଂଶ ଆବଶ୍ୟକତାରୁ ବହୁତ କଥା କହୁ । ଆମ୍ଭେମାନେ ଉଚ୍ଚାରଣ କରୁଥିବା ଅଧିକାଂଶ ପଦ, ଆତ୍ମୀୟ ଗଠନ ନ କରି ବିଭେଦ ଆଣେ । ଏହି ଜଗତ ଅନର୍ଥକ ଜିହ୍ବାରେ ପରିପୂର୍ଣ୍ଣ । ଆମ୍ଭମାନଙ୍କ ମୁଖରୁ ଯେଉଁ ଅନର୍ଥକ କଥା ବାହାରେ, ତାହା ପ୍ରଭୁଙ୍କ ହିସାବ ପୁସ୍ତକରେ ଲିଖିତ ହୋଇଥାଏ । ''....ମନୁଷ୍ୟମାନେ ଯେକୌଣସି ଅସାର କଥା କହନ୍ତି, ବିଚାରଦିନରେ ସେମାନେ ସେଥିରେ ଉତ୍ତର ଦେବେ । ଯେଣୁ ତୁମ୍ଭ ବାକ୍ୟ ଦ୍ବାରା ତୁମ୍ଭେ ଦୋଷୀ ବୋଲି ପ୍ରମାଣିତ ହେବ ।'' (ମାଥିଉ ୧୨:୩୬-୩୭)

**ମନୁଷ୍ୟର ରୀତିନୀତି ଅନୁସରଣକାରୀମାନେ ବିସ୍ମିତ ହେବେ :–** ମନୁଷ୍ୟମାନଙ୍କ ସ୍ବଧର୍ମବିଧି, ଆମ୍ଭମାନଙ୍କ ଧର୍ମଜଗତକୁ ବିନଷ୍ଟ କରୁଅଛି । (ମାର୍କ ୭:୭) । ପରମେଶ୍ବରଙ୍କ ସତର୍କତା ସତ୍ତ୍ବେ, ଧର୍ମଜଗତର ଅନେକ ଶିକ୍ଷା ମନୁଷ୍ୟର ସ୍ବବୁଦ୍ଧିରୁ ପ୍ରକଟିତ ହୋଇଅଛି । କାରଣ ସେମାନେ ଆପଣା ଶିକ୍ଷା, ବାଇବଲର ଶିକ୍ଷାରୁ ମହତ୍ତର ମଣନ୍ତି । ବାଇବଲ, ଧର୍ମଜଗତର ପରିପୂର୍ଣ୍ଣ ପଥଦର୍ଶକ । (୨ୟ ତୀମଥି ୩:୧୬-୧୭) ।

**ଶ୍ରୋତାମାତ୍ର ହୋଇ କର୍ମକାରୀ ନୁହନ୍ତି, ସେମାନେ ବିସ୍ମିତ ହେବେ :–** ପରମେଶ୍ବରଙ୍କ ଆଜ୍ଞା ଶୁଣିବା ଯଥେଷ୍ଟ ନୁହେଁ, ତାହା ପାଳନ କରିବା ଆବଶ୍ୟକ । ଅନେକେ, ଅନେକ ଥର ପରମେଶ୍ବର ବାକ୍ୟ ଶୁଣନ୍ତି, କିନ୍ତୁ ତାହା ଆଚରଣ କରନ୍ତି ନାହିଁ । ଏପରି ଲୋକେ ବିଚାରଦିନରେ ବିସ୍ମିତ ହେବେ (ଯାକୁବ ୧:୨୨) । ଆପଣ କି ବାକ୍ୟର ଶ୍ରେତା ମାତ୍ର ନହୋଇ କାର୍ଯ୍ୟକାରୀ ଅଟନ୍ତି ?

**ଧର୍ମସମ୍ବନ୍ଧୀୟ ମୁର୍ଖମାନେ ବିସ୍ମିତ ହେବେ :–** ହିତ ୧୨:୧୫ ପଦରେ ଲେଖାଯାଏ, ''ଅଜ୍ଞାନର ପଥ ତାହାର ନିଜ ଦୃଷ୍ଟିରେ ଯଥାର୍ଥ, ମାତ୍ର ଯେ ଜ୍ଞାନବାନ, ସେ ପରାମର୍ଶ ଶୁଣେ ।'' ''ପରମେଶ୍ବରଙ୍କ ଆଜ୍ଞା ଭ୍ରୁକ୍ଷେପ ନ କରି, ମୁର୍ଖମାନେ ପରମେଶ୍ବରଙ୍କୁ ବଳି ଦେବା ନିମନ୍ତେ ପରମେଶ୍ବରଙ୍କ ଗୃହକୁ ଯାଆନ୍ତି ।'' (ଉପଦେଶକ

୫:୧) ପରମେଶ୍ୱର ବଳିଦାନ ଠାରୁ ଆଜ୍ଞାବହତାରେ ତୁଷ୍ଟ ଅଟନ୍ତି । ପରମେଶ୍ୱର ଯାହା କହିନାହାନ୍ତି, ସେହିସବୁ କାର୍ଯ୍ୟ କରିବାରେ ମନୁଷ୍ୟ ବ୍ୟସ୍ତ ।

**ଅଧର୍ମଚାରୀମାନେ ବିସ୍ମିତ ହେବେ :–** ମାଥିଉ ୭:୨୧-୨୩ ପଦଗୁଡ଼ିକରେ ଅଧର୍ମଚାରୀମାନଙ୍କ ଗତି ବିଷୟରେ ପଢ଼ିଥାଉ । ଏଠାରେ ବର୍ଣ୍ଣିତ ବ୍ୟକ୍ତିମାନେ ଧର୍ମକର୍ମରେ ବ୍ୟସ୍ତ ଥିଲେ ସୁଦ୍ଧା, ସଦାପ୍ରଭୁ ପରମେଶ୍ୱର ସେମାନଙ୍କୁ ଦୂର ହେବା ନିମନ୍ତେ ଆଜ୍ଞା ଦିଅନ୍ତି, କାରଣ ସେମାନଙ୍କ କାର୍ଯ୍ୟ, ସଦାପ୍ରଭୁଙ୍କ ବାକ୍ୟାନୁଯାୟୀ ନଥିଲା । ଅନେକ କପଟୀମାନେ କାର୍ଯ୍ୟବ୍ୟସ୍ତ ଅଟନ୍ତି, କିନ୍ତୁ ପରମେଶ୍ୱରଙ୍କ ବାକ୍ୟ ପାଳନ କରନ୍ତି ନାହିଁ ।

**ନିୟମିତଭାବେ ମଣ୍ଡଳୀ ଉପାସନାରେ ଯୋଗ ନଦେବା ଲୋକେ ବିସ୍ମିତ ହେବେ :–** ମଣ୍ଡଳୀର ଉପାସନାରେ ନିୟମିତ ଯୋଗ ନଦେବା ଲୋକ, ଦଣ୍ଡିତ ହେବେ । ଆମ୍ଭେମାନେ ମଣ୍ଡଳୀ ଉପାସନା ପରିତ୍ୟାଗ ନ କରିବା ନିମନ୍ତେ ଆଜ୍ଞାପିତ ହୋଇଅଛୁ । (ଏବ୍ରୀ ୧୦:୨୫) ଯେଉଁମାନେ ମଣ୍ଡଳୀ ଉପାସନା ତ୍ୟାଗ କରନ୍ତି, ସେମାନେ ପରମେଶ୍ୱରଙ୍କୁ ପ୍ରେମ କରନ୍ତି ନାହିଁ, ବରଂ ଜଗତକୁ ପ୍ରେମ କରନ୍ତି । ମଣ୍ଡଳୀ ଉପାସନାରେ ଯୋଗଦେବାର ଅବହେଳା କରିବା ଲୋକ, ଯୀଶୁଖ୍ରୀଷ୍ଟଙ୍କୁ ଅବହେଳା କରନ୍ତି ।

**ବିଶ୍ୱସ୍ତ ଖ୍ରୀଷ୍ଟିୟାନମାନେ ସନ୍ତୋଷମୟ ଭାବେ ବିସ୍ମିତ ହେବେ :–** ସ୍ୱର୍ଗର ସୌନ୍ଦର୍ଯ୍ୟ ଅକଥନୀୟ । ଏହା ଅନନ୍ତକାଳସ୍ଥାୟୀ । ଯେଉଁମାନେ ପରମେଶ୍ୱରଙ୍କ ଆଜ୍ଞାନୁଯାୟୀ ଜୀବନଯାପନ କରନ୍ତି, ସେମାନେ ପରମେଶ୍ୱରଙ୍କ ସହ ସେହି ସୌନ୍ଦର୍ଯ୍ୟମୟ ନଗରରେ ଅନନ୍ତକାଳ ନିବାସ କରିବେ । (ପ୍ରକାଶିତ ୨୧ ଓ ୨୨ ପର୍ବ) । ଆପଣ କି ସେହି ସୌନ୍ଦର୍ଯ୍ୟ ଓ ଅନନ୍ତକାଳ ସ୍ଥାୟୀ ନଗରରେ ପରମେଶ୍ୱରଙ୍କ ସହ ବାସ କରିବାକୁ ଇଚ୍ଛୁକ ଅଟନ୍ତି ? ପରମେଶ୍ୱରଙ୍କ ବାକ୍ୟର ଆଜ୍ଞାବହ ହୁଅ ।

- ***William Reeves***

❋❋❋

# "...ତୁମ୍ଭର ଶତ୍ରୁମାନେ ଛିନ୍ନଭିନ୍ନ ହେଉନ୍ତୁ !"

## (Let your enemies be scattered !)

"ପୁଣି ସିନ୍ଦୁକ ଅଗ୍ରସର ହେବା ବେଳେ ମୋଶା କହନ୍ତି, ସଦାପ୍ରଭୋ, ଉଠ, ପୁଣି ତୁମ୍ଭର ଶତ୍ରୁମାନେ ଛିନ୍ନଭିନ୍ନ ହେଉନ୍ତୁ ଓ ଯେଉଁମାନେ ତୁମ୍ଭଙ୍କୁ ଘୃଣା କରନ୍ତି, ସେମାନେ ତୁମ୍ଭ ସମ୍ମୁଖରୁ ପଳାୟନ କରନ୍ତୁ ।" (ଗଣନା ୧୦:୩୫)

ମୋଶା, କାହିଁକି ଏପରି କହୁଥିଲେ ? ସେ କି ଏକ ସୈନ୍ୟାଧିପତି ଥିଲେ ? ତାହାଙ୍କ ନିକଟରେ କି ଆଧୁନିକ ଯୁଦ୍ଧୋପକରଣ ଥିଲା ? କଦାପି ନୁହେଁ । ସଦାପ୍ରଭୁଙ୍କ ବିଶ୍ୱସ୍ତତା ହେତୁ ବିଜୟ ସୁନିଶ୍ଚିତ ବୋଲି ମୋଶା ଜ୍ଞାତ ଥିଲେ । ସଦାପ୍ରଭୁ ସେମାନଙ୍କୁ ମିସରର ଦାସତ୍ୱରୁ ଉଦ୍ଧାର କରିଥିଲେ ଏବଂ ଆଗାମୀ ଶତ୍ରୁମାନଙ୍କ କବଳରୁ ରକ୍ଷା କରିବା ନିମନ୍ତେ ସଦାପ୍ରଭୁ ସକ୍ଷମ ଅଟନ୍ତି ବୋଲି ମୋଶାଙ୍କ ଦୃଢ଼ ବିଶ୍ୱାସ ଥିଲା । ଶତ୍ରୁମାନେ ଛିନ୍ନଭିନ୍ନ ହୋଇ, ପଳାୟନ କରିବା ଓ ପ୍ରତିଜ୍ଞାତ ଦେଶ ଇଶ୍ରାଏଲୀୟମାନେ ହସ୍ତଗତ ହେବା ସୁନିଶ୍ଚିତ ଥିଲା ।

ଧାର୍ମିକମାନଙ୍କ ବିଜୟ ଓ ଅଧାର୍ମିକମାନଙ୍କ ପରାଜୟର ଗାଥା, ବାଇବଲର ଇତିହାସ ସାକ୍ଷ୍ୟ ଦିଏ । ଶତ୍ରୁମାନଙ୍କ ଉପରେ ବିଜୟ, ସଦାପ୍ରଭୁଙ୍କ ବିଶ୍ୱସ୍ତତା ଉପରେ ନିର୍ଭର କରେ । ଦାଉଦ କହନ୍ତି, "ପରମେଶ୍ୱର ଉଠନ୍ତୁ, ତାହାଙ୍କ ଶତ୍ରୁଗଣ ଛିନ୍ନଭିନ୍ନ ହେଉନ୍ତୁ, ତାହାଙ୍କ ଘୃଣାକାରୀମାନେ ମଧ୍ୟ ତାହାଙ୍କ ସାକ୍ଷାତରୁ ପଳାଅନ୍ତୁ ।" (ଗୀତ ୬୮:୧) ଆଶ୍ଚର୍ଯ୍ୟକାରୀ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଧାର୍ମିକମାନେ ଆନନ୍ଦରେ ପ୍ରଫୁଲ୍ଲ ହୁଅନ୍ତି । ଆମ୍ଭମାନଙ୍କ ପରମେଶ୍ୱର "....ପିତୃହୀନମାନଙ୍କର ପିତା ଓ ବିଧବାମାନଙ୍କର ବିଚାରକର୍ତ୍ତା ଅଟନ୍ତି ।" (ଗୀତ ୬୮:୫)

ଅବ୍ରାହମ, ଇସ୍‌ହାକ ଓ ଯାକୁବଙ୍କ ପରମେଶ୍ୱର ସର୍ବଶକ୍ତିମାନ ଅଟନ୍ତି । ସେ ଶକ୍ତିଶାଳୀ ଶତ୍ରୁମାନଙ୍କୁ ପରାସ୍ତ କରିଅଛନ୍ତି । ଏପରି ପରମେଶ୍ୱରଙ୍କୁ ଆମ୍ଭେମାନେ କଅଣ ଦେଇପାରିବା ? "ହେ ପୃଥିବୀସ୍ଥ ରାଜ୍ୟସମୂହ, ତୁମ୍ଭେମାନେ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଗାନ କର ।" (ଗୀତ ୬୮:୩୨) "ତୁମ୍ଭେମାନେ ପରମେଶ୍ୱରଙ୍କ ପରାକ୍ରମ କୀର୍ତ୍ତନ କର । ତାହାଙ୍କ ମହିମା ଇସ୍ରାଏଲ ଉପରେ ଓ ତାହାଙ୍କ ପରାକ୍ରମ

ଆକାଶମଣ୍ଡଳରେ ରହିଅଛି । ହେ ପରମେଶ୍ୱର, ତୁମ୍ଭେ ଆପଣା ପବିତ୍ରଧାମରେ ଭୟଙ୍କର ଅଟ । ଇସ୍ରାଏଲ୍‌ର ପରମେଶ୍ୱର ଆପଣା ଲୋକମାନଙ୍କୁ ବଳ ଓ ପରାକ୍ରମ ଦିଅନ୍ତି । ପରମେଶ୍ୱର ଧନ୍ୟ ହେଉନ୍ତୁ ।'' (ଗୀତ ୬୮:୩୪-୩୫)

ଜଗତର ଜନସଂଖ୍ୟା ତୁଳନାରେ ଖ୍ରୀଷ୍ଟିୟାନମାନଙ୍କ ସଂଖ୍ୟା ଅଳ୍ପ ବୋଲି ନିରୁତ୍ସାହ ହେବା ଆବଶ୍ୟକ ନାହିଁ । ଆମ୍ଭେମାନେ ତାହାଙ୍କ ଠାରେ ବିଶ୍ୱାସ ରଖି, ତାହାଙ୍କ ଇଚ୍ଛାକୁ ଆପଣା ଆପଣାକୁ ସମର୍ପଣ କଲେ, ଆମ୍ଭମାନଙ୍କ ଶତ୍ରୁମାନେ ବିଚ୍ଛିନ୍ନ ହେବେ । ଜୀବନରେ କଷ୍ଟ ଓ ସମସ୍ୟା ଆସିବ, କିନ୍ତୁ ସେ ସମୟରେ ବିଜୟୀ କରିବାରେ ଆମ୍ଭମାନଙ୍କ ପରମେଶ୍ୱର ସକ୍ଷମ ଅଟନ୍ତି । ଆସ, ଆମ୍ଭେମାନେ ପ୍ରତିଦିନ ଓ ପ୍ରତି ସୁଯୋଗରେ ତାହାଙ୍କ ନାମର ପ୍ରଶଂସା କରି, ତାହାଙ୍କ ନିକଟରେ ଆପଣା ଆପଣାକୁ ସମର୍ପଣ କରୁ ।

*- Loy Mitchell*

❋❋❋


ଖ୍ରୀଷ୍ଟଙ୍କ ମଣ୍ଡଳୀ ଦ୍ୱାରା ପ୍ରାୟୋଜିତ

**"ସତ୍ୟବାଣୀ"**

ରେଡ଼ିଓ କାର୍ଯ୍ୟକ୍ରମ **Radio Srilanka** ଦ୍ୱାରା ଶୁଣନ୍ତୁ

**ଦିନ : ପ୍ରତି ରବିବାର**

**ସମୟ : ସକାଳ ଘ ୬.୪୫ ମି**

*ଆପଣା ବନ୍ଧୁ ଓ ମିତ୍ରମାନଙ୍କୁ ଏହି ଶୁଭବାର୍ତ୍ତା ଜଣାନ୍ତୁ ।*


**Edited & Published by : Kabita & Joshua Gootam**

# "WORK, FOR THE NIGHT IS COMING"

John 9: 4

## INTRODUCTION

1. Far too many people do not realize the importance of this life in relation to the world to come.
2. There are those that stress the physical side of life but overlook the spiritual phase.
3. The, purpose of this lesson is to emphasize the inportance of preparing for the future.

## DISCUSSION:

A. The Importance of Work

1. Faith itself is a work. (John 6:28,29).
2. Faith is made perfect by works. (James 2).
3. Saving faith expresses itself by works. (Mk. 16:16).
4. To work out our salvation. (Phil 2:12).
5. Must always abound in the work of the Lord. (1Cor 15: 58).

**B. Why Work ?**

1. "Work, for the night is coming" (John 9:4).
2. Now is the time to work for tomorrow may be too late (2 Cor 6:2).
3. Life is short and the future must be faced (James 4:13, 14 Matt 16:26).
4. The Christian must work to please God (Rev 2: 10).
5. Those that spend their life in the service of the Lord will be rewarded with eternal rest. (Matt 11: 28-30).

**C. It is Not Enough.**

1. It is not enough to be baptized
2. It is not enough to be a member of the Lord's Church
3. It is not enough to be a Christian.
4. It is not enough to attend worship

5. It is not enough to profess the religion of Christ.

**D. Some Work That Christians Must do.**

1. Practice pure religion (James 1:27).
2. Visit the sick and help the poor (James 2).
3. Help to build up the Lord's work (Eph 2:10).
   a) In the local community
   b) Throughout the world.
4. Love one another as well as the world (1 John 4:7,8).
5. Preach or teach the word (2Tim 4:2; Matt 28:19).

**E. The Results Of Good Hard Work.**

1. The Lord's work is built up
2. Souls are saved.
3. Those that work will be blessed in this life and the world to come.
4. The Lord is glorified.

*- J.C. Choate*

Printed Book Only

From:

SATYA VANI
**P.O. Box 80,**
**Kakinada - 533 001**

To

(FOR PRIVATE CIRCULATION ONLY)